ଶନିବାର, ୦୫ ମାର୍ଚ୍ଚ, ୨୦୨୨

# ପିଲାଙ୍କ ଧରିତ୍ରୀ



୩

୭ ଜଣା ଅଜଣା

୬ କବିତା

୮ ଆଇନା

# ଖିଲି ଖିଲି ହସ

(ବହୁଦିନ ପରେ ସ୍କୁଲକୁ ପିଙ୍କୁ ଆସିଥିବାରୁ...)

**ଶିକ୍ଷକ:** ଆରେ ପିଙ୍କୁ, ତୁ ଏତେ ଦିନ ହେବ ସ୍କୁଲ କାହିଁକି ଆସୁ ନଥିଲୁ।

**ପିଙ୍କୁ:** ସାର୍‌! ମୋତେ ପରା ବାର୍ଡ଼ ଫ୍ଲୁ ହୋଇଥିଲା।

**ଶିକ୍ଷକ:** କ'ଣ କହିଲୁ, ବାର୍ଡ଼ ଫ୍ଲୁ! ଆରେ ଏ ରୋଗ ତ ପକ୍ଷୀମାନଙ୍କୁ ହୁଏ।

**ପିଙ୍କୁ:** ହଁ ସାର୍‌, ଠିକ୍ କହିଲେ। ଆପଣ ଆଉ ମୋତେ କ'ଣ ମଣିଷ କରି ରଖିଛନ୍ତି କି? ମୋତେ ବା କୁକୁଡ଼ା କରି ସାରିଲେଣି।

(ବଣ୍ଟି ଓ ଚିଣ୍ଟୁ ମଧ୍ୟରେ କଥାବାର୍ତ୍ତା...)

**ବଣ୍ଟି:** ତୋତେ ଟିକେ ଲାଜ ଲାଗୁନି?

**ଚିଣ୍ଟୁ:** କାହିଁକି?

**ବଣ୍ଟି:** ତୋ ବାପା ଜଣେ ଟେଲର୍। ତଥାପି ତୁ ଚିରା ଡ୍ରେସ୍ ପିନ୍ଧି ଆସୁଛୁ।

**ଚିଣ୍ଟୁ:** ଆରେ ମୋ କଥା ଛାଡ୍। ମୋ'ଠୁ ତ ଅଧିକ ତତେ ଲାଜ ଲାଗିବା କଥା।

**ବଣ୍ଟି:** କେମିତି?

**ଚିଣ୍ଟୁ:** କାହିଁକି ନା ତୋ ବାପା ଜଣେ ଡେଣ୍ଟିଷ୍ଟ। ତଥାପି ତୋ ସାନ ଭାଇ ଜନ୍ମ ହେଲା ବେଳେ ବିନା ଦାନ୍ତରେ ଜନ୍ମ ହେଲା।

(ମା' ପିଲାମାନଙ୍କୁ ବୁଝାଇବା ସମୟରେ...)

**ମା':** ଶୁଣ ପିଲାମାନେ, ତମମାନଙ୍କ ଭିତରୁ ଯିଏ ମୋ କଥା ସବୁଦିନ ମାନିବ, ଜିଦ୍ କରିବନି କି ଉଚ୍ଚସ୍ୱରରେ କଥା ହେବନି, ତାକୁ ମୁଁ ପୁରସ୍କାର ଦେବି।

**ପିଲାମାନେ (ଏକ ସ୍ୱରରେ...):** ତାହାଲେ ତ ପୁରସ୍କାରଟା ତ ଆମ ବାପାଙ୍କୁ ମିଳିବ।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ବିପଦ ଆସିଲେ ଡରିବା ନାହିଁ

ଗପ

ଶିଆଳୀ ନାନୀର ନାତିନାତୁଣୀ କୁନୁ ଓ କୁନି ପାଖ ଗାଁରେ ହେଉଥିବା ମେଳା ଦେଖିଯିବାକୁ ଜିଦ୍ ଧରି ବସିଛନ୍ତି। ହେଲେ ଯାତରା ବୁଲିଯିବାକୁ ଶିଆଳୀ ନାନୀ ପାଖରେ ପଇସା ନାହିଁ। କ'ଣ କରିବ ନ କରିବ ଭାବି ଛୁଆଙ୍କ କାନ୍ଦୁରା ମୁହଁ ଦେଖି, ବିଲୁଆ ମଉସା ପାଖରେ ନିଜ ସୁନା କାନଫୁଲ ବନ୍ଧା ପକେଇ କିଛି ଟଙ୍କା ଉଧାର ଆଣିଲା। ପିଲା ଦୁହିଁଙ୍କୁ ଧରି ଯାତରା ଦେଖିବାକୁ ଖରା ଥାଉଥାଉ ଟିଂକିଲି, କଳା, ପାଉଡର ଲଗାଇ ସଜବାଜ ହୋଇ ବାହାରିଲା।

ଅଧାବାଟରୁ ପିଲାମାନେ ଚାଲି ନ ପାରିବାରୁ ଶିଆଳୀ ନାନୀ କୁନୁକୁ କାନ୍ଧରେ ଓ କୁନିକୁ କାଖରେ ଧରି ଛୋଟେଇ ଛୋଟେଇ ଚାଲିଲା। କୁନୁକୁ ଶୋଷ ଲାଗିଲାରୁ ଗାଁ ମୁଣ୍ଡରେ ଥିବା ବରଗଛରୁ ପତର ଆଣି ଠୋଲା କରି ନଳକୂଅରୁ ପାଣି ମାରି ପିଆଇଦେଲା। ସନ୍ଧ୍ୟା ହୋଇ ଆସିଲାବେଳକୁ ଯାତରା ପଡ଼ିଆରେ ପହଞ୍ଚିଲେ। ରଙ୍ଗବେରଙ୍ଗ ଝିଲିମିଲି ଆଲୁଅର ତୋରଣ ସଜ୍ଜା ଦେଖି କୁନୁ ଓ କୁନିଙ୍କ ଖୁସି କହିଲେ ନ ସରେ। ଜିଲାପି, ଗୁଲୁଗୁଲା, ଚୁଡୁମା ଖାଇଲେ। ଘିରିଘିରି ଚକ୍ରି ଦୋଳିରେ ବସି ଖେଳିଲେ। କୁନୁ କଳାଚଷମା, ହାତଘଡ଼ି, ନାଲିଆ ବେଲୁନ ଓ କୁନି ଲିପ୍‌ଷ୍ଟିକ୍, କଣ୍ଢେଇ, ପେଁକାଳି କିଣିଲା। ଯାତରାପଡିଆ ଶେଷ ମୁଣ୍ଡରେ ମଲେଇବାଲାଠୁ ମଲେଇ କିଣି ଘରକୁ ଯିବାକୁ ବାହାରିଲେ। ଏତେ ରାତିରେ ନିଛାଟିଆ ଜଙ୍ଗଲ ରାସ୍ତାରେ ଏକାକୀ ଛୁଆ ଦି'ଟାକୁ ଧରି ଯିବାକୁ ଭୟ କଲା ଶିଆଳି ନାନୀ। ଶେଷରେ ଦୋଦୋପାଞ୍ଚ ହୋଇ ସାହସ କରି ଫେରିଲା।

ଫେରିବା ସମୟରେ ବରଗଛ ଡାଳରୁ କ'ଣ ଗୋଟାଏ ଜୋରକରି ତଳକୁ କଚାଡ଼ି ହୋଇ ପଡ଼ିଲା ଭଳି ଶୁଭିଲା। ଅନ୍ଧାରରେ କିଛି ଦେଖାଯାଉନଥାଏ, ଭୟରେ କୁନୁ ଆଉ କୁନି ଥରିବାକୁ ଲାଗିଲେ। ଶିଆଳୀ ନାନୀ ହନୁମାନ ଚାଳିଶା ସ୍ମରଣ କରିବାକୁ ଲାଗିଲା। ନିରିଖେଇ ଦେଖିଲାରୁ ଜଣାପଡ଼ିଲା, "ସେ ହେଉଛି ସେହି ଗଛରେ ଘରକରି ରହିଥିବା ହନୁ ଅଜା।" ହାଡ଼ଭଙ୍ଗା ଶୀତ ସହି ନ ପାରି ହନୁ ଅଜା କାଲୁଆ ହୋଇ ଅଚେତ ହୋଇଯାଇଛି। ଏଥର କୁନୁ ଓ କୁନି ତଳେ ପଡ଼ିଥିବା ବରଗଛର ଶୁଖିଲା ପତର ଗୋଟାଇ ଏକାଠି କରି ନିଆଁ ଲଗାଇଲେ। ଶିଆଳୀ ନାନୀ ସେକ ଦେବାରୁ ହନୁ ଅଜାର ଚେତା ଫେରିଲା। ଯାତରାରୁ ଆଣିଥିବା କାଠିଆ କଦଳୀ ହନୁ ଅଜାକୁ ଖାଇବାକୁ ଦେଲେ। ସେମାନଙ୍କର ସାହାଯ୍ୟ ପାଇ ହନୁଅଜା ଭାରି ଖୁସି ହେଇଗଲା। ଶିଆଳୀ ନାନୀ ଫେରିବାକୁ ବାହାରିବାବେଳେ ହନୁ କହିଲା ,"ଆରେ ଏତେ ରାତିରେ କୁଆଡ଼େ ଯିବ? ଆଜି ରାତିଟା ମୋ ଘରେ ରହିଯାଅ।" ହନୁ ଅଜାର କଥାକୁ ଏଡ଼େଇ ନ ପାରି ରାତିଟା ସେମାନେ ସେଠାରେ ଆଶ୍ରୟ ନେଲେ। ତା' ପର ଦିନ ହନୁ ନିଜେ ଯାଇ ସେମାନଙ୍କୁ ତାଙ୍କ ଘରେ ଛାଡ଼ି ଦେଇ ଆସିଲା ଆଉ ସାହାଯ୍ୟ ପାଇଁ ଧନ୍ୟବାଦ ବି ଦେଲା। ଶିଆଳୀ ନାନୀ ତା ପିଲାଙ୍କୁ ବୁଝାଇ କହିଲା-"ଦେଖିଲ ତ! ବିପଦ ଆସିଲେ କେବେ ବି ଡରିବନି। ବିପଦକୁ ଦୃଢ଼ତାର ସହ ସାମ୍ନା କରି ବିପଦରେ ପଡ଼ିଥିବା ଲୋକକୁ ସାହାଯ୍ୟ କରିବ। ଦେଖିବ ଦିନେ ନା ଦିନେ ସେ ବି ତୁମକୁ ସାହାଯ୍ୟ କରିବ।"



**-ବିଶ୍ୱରଞ୍ଜନ ମହାନ୍ତି**

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିଶ୍ୱଭାରତୀ, ଶାନ୍ତି ନିକେତନ, କୋଲକାତା, ମୋ: ୭୮୯୪୩୯୪୦୪୯

# ମତାମତ

▶▶ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଉଥିବା ଚିତ୍ରଗୁଡ଼ିକ ସବୁବେଳେ ଆକର୍ଷଣୀୟ ଲାଗୁଛି।

**- ସ୍ନେହାଶ୍ରୀ ସାହୁ, ଦଶପଲ୍ଲା, ନୟାଗଡ଼**

▶▶ 'କାର୍ଟୁନ: କିଛି ଅଜଣା କଥା' ପଢ଼ି ଭଲ ଲାଗିଲା। କାର୍ଟୁନଗୁଡ଼ିକ ବିଷୟରେ ନୂଆ ନୂଆ ତଥ୍ୟ ମଧ୍ୟ ଜାଣିବାକୁ ମିଳିଲା।

**- ପ୍ରଭୁପଦ ପଣ୍ଡା, ବରି, ଯାଜପୁର**

▶▶ ପିଲାଙ୍କ ଧରିତ୍ରୀର ପ୍ରଥମ ପୃଷ୍ଠାର ଲେଆଉଟ୍ ଡିଜାଇନ୍‌ଟି ବହୁତ ସୁନ୍ଦର ହୋଇଥିଲା।

**- ରାଜଦୀପ୍ ସାମନ୍ତ, ଘସିପୁରା, କେନ୍ଦୁଝର**

▶▶ ଗତ ଥର 'କବିତା' ସ୍ତମ୍ଭରେ ପ୍ରକାଶ ପାଇଥିବା 'ଫଗୁଣ ଆସିଲା' ଛୋଟ ଥିଲା ଆଉ ପଢ଼ିବାକୁ ବି ଭଲ ଲାଗିଲା।

**- ପ୍ରିୟାଂଶୀ ସାମଲ, କଣ୍ଟାମାଳ, ବୌଦ୍ଧ**

▶▶ 'ଏଥରର ପ୍ରଶ୍ନ'ରେ ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ମଜା ଲାଗୁଛି।

**- ଶୁଭ୍ରଜିତ୍ ଆଚାର୍ଯ୍ୟ, ବରପାଲ୍ଲୀ, ବରଗଡ଼**

# ତୁମ ପଢ଼ିବା ପାଇଁ

## ମୋ ଆଶା




ପିଲାମାନେ ସାଧାରଣତଃ ଗପ, କବିତା, ପ୍ରବନ୍ଧ, ଲୋକକଥା, ହସକଥା ଆଦି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି। ଯେଉଁଥିରୁ ସେମାନେ ଅନେକ ନୀତି ଶିକ୍ଷା ଗ୍ରହଣ କରିଥାନ୍ତି। ଏଭଳି ପ୍ରୟାସ କରାଯାଇଛି ସୁମନ୍ତ ମହାରଣାଙ୍କ ଦ୍ୱାରା ସମ୍ପାଦିତ "ମୋ ଆଶା"ରେ। ଏଥିରେ ରହିଛି ହସି ହସି ଗଡ଼ିଲେ, ସୁନାଝିଅ, ଚୋରୀ ଧରା ପଡ଼ିଲା, ରାଜା ଓ ପ୍ରଜା, ଭାଗ୍ୟ ପରୀକ୍ଷା, ରାଜା କାହିଁକି ରାଗିଲେ, ସରଗ ପଡ଼ିଛି ହାତକୁ ଖସି ଭଳି ଗପ ଓ କବିତା। ଏହାର ମୂଲ୍ୟ ରହିଛି ୨୦ ଟଙ୍କା। ଯୋଗାଯୋଗ ଠିକଣା-ମୋ ଆଶା ଲିଟିଲ୍ ଷ୍ଟାର୍ ଗ୍ରୁପ୍, ପାଟପୁର, ନିମାପଡ଼ା, ପୁରୀ

# ଚଗଲା ଭୀମୁ




# ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com



ନିଜର ଦୈନନ୍ଦିନ ଜୀବନରୁ ଅଳ୍ପ ସମୟ ବାହାର କରି ଖେଳକୁଦ, ମଜାମସ୍ତି କରିବାକୁ କିଏ ବା ନ ଚାହେଁ। ଆଉ ଏଥିରେ ସବୁଠୁ ଆଗରେ ରହିଛନ୍ତି ପିଲାମାନେ। ତେବେ ଏମିତିବି କେତେକ ପିଲା ଅଛନ୍ତି, ଯେଉଁମାନେ ପ୍ରତିଦିନର ପାଠପଢ଼ା ପରେ ସାମାନ୍ୟ ଫ୍ରି ଟାଇମ୍ ପାଇଲେ କେବଳ ଖେଳକୁଦ ନ କରି ଏହାକୁ ଭିନ୍ନ ଭିନ୍ନ ଉପାୟରେ ଉପଯୋଗ କରିବାକୁ ଜମାରୁ ଭୁଲନ୍ତି ନାହିଁ ...

# ଫ୍ରି ଟାଇମ୍

ପିଲାମାନେ ଏବେ ସ୍କୁଲ ଯାଉଛନ୍ତି ସତ, ହେଲେ ଅଳ୍ପ ସମୟ ପାଇଁ; କାରଣ ଏବେବି କରୋନାର ପ୍ରକୋପ ସମ୍ପୂର୍ଣ୍ଣ କମିନି। ତେଣୁ ଘରେ ରହିବାକୁ ଅଧିକ ସମୟ ପାଉଥିବାରୁ ପଢ଼ା ପରେ ଅବଶିଷ୍ଟ ସମୟରେ କିଏ ଡ୍ରଇଂ ତ କିଏ ପେଣ୍ଟିଂ, ପେପର୍ କ୍ରାଫ୍ଟ ଆଉ ପୁଣି କେହି କେହି ବଗିଚାରେ ଫୁଲଗଛର ଯତ୍ନ ନେଉଛନ୍ତି। ଅନେକେ ଏହି ସମୟରେ ସୋସିଆଲ୍ ମିଡିଆରେ ଗେମ୍ ଭଳି ବିଭିନ୍ନ ଇନ୍‌ଡୋର୍ ଗେମ୍ ଖେଳି ଏହାର ଢେର୍ ମଜା ନେଉଛନ୍ତି, ଯାହା ସେମାନଙ୍କୁ ଏକ ପ୍ରକାର ମାନସିକ ଶାନ୍ତି ଦେବା ସହ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ମନୋବଳକୁ ମଜଭୁତ କରେ। ଖାଲି ସେତିକି ନୁହେଁ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ସେମାନଙ୍କଠାରେ ସକାରାତ୍ମକ ଭାବନା ମଧ୍ୟ ସୃଷ୍ଟି କରେ।

## କେମିତି କରିବେ ଫ୍ରି ଟାଇମ୍‌ର ସଦୁପଯୋଗ...

■ ଯଦି ଆପଣ ପଢ଼ିବାକୁ ଭଲପାଆନ୍ତି, ତେବେ ନିଜକୁ ରିଲାକ୍ସ କରିବା ପାଇଁ ନ୍ୟୁଜ୍ ପେପର୍, ଜିକେ, କୁଇଜ୍, ମାଗାଜିନ୍ ଆଦି ପଢ଼ିପାରିବେ।

■ ଘରେ ଗୋଟିଏ ସ୍ଥାନରେ ବସି ପାଠ ପଢୁଥିଲେ, ମଝିରେ ମଝିରେ ଉଠି କିଛି କିଛି ଯୋଗ କିମ୍ବା ପ୍ରାଣାୟାମ କରନ୍ତୁ। ଏହା ଆପଣଙ୍କ ଶରୀର ଓ ମନକୁ ଫୁର୍ତ୍ତି କରାଇବା ସହ ଅଧିକ କାର୍ଯ୍ୟ କରିବା ଲାଗି ସ୍ପୃହା ଯୋଗାଇବ।

■ କୋ-କରିକୁଲାର ଆକ୍ଟିଭିଟିଜ୍ କିମ୍ବା ପାଠକୁ ଛାଡ଼ି ଅନ୍ୟ କେଉଁ ଦିଗରେ ରୁଚି ଥିଲେ ଏହା ପ୍ରାକ୍ଟିସ୍ କରିବା ଲାଗି ଲିଜର ଟାଇମ୍ ସବୁଠୁ ଭଲ। ଫଳରେ ପାଠ ସହ ଅନ୍ୟ ଦିଗଟି ମଧ୍ୟ ସମାନ୍ତରାଳ ଭାବରେ ଚାଲିବ।

■ ଘରେ ମା', ବାପା ଏବଂ ଅନ୍ୟ ସଦସ୍ୟମାନଙ୍କ ସହ ବିଭିନ୍ନ ବିଷୟରେ ଏବଂ ଭିନ୍ନ ଭିନ୍ନ ଭାଷାରେ କଥାବାର୍ତ୍ତା ହୁଅନ୍ତୁ। ଏହା ଦ୍ୱାରା ନିଜର କମ୍ୟୁନିକେଶନ୍ ସ୍କିଲ୍ ବଢ଼ିବା ସହ ବିଭିନ୍ନ ଦିଗରେ ଜ୍ଞାନ ଅର୍ଜନ କରିପାରିବେ।

■ ଘରେ ସାନ ଭାଇ ଭଉଣୀ ଥିଲେ ସେମାନଙ୍କୁ ପଢ଼ାନ୍ତୁ। ଏହା ଦ୍ୱାରା ଆପଣଙ୍କର ଭୋକାବୁଲାରି ସ୍କିଲ୍ ଷ୍ଟ୍ରଙ୍ଗ୍ ହେବ।

■ ମଝିରେ ମଝିରେ ମ୍ୟୁଜିକ୍ ଶୁଣନ୍ତୁ। ଏହା ସହ ମୋଟିଭେଶନାଲ୍ ଭିଡିଓ ବି ଦେଖିପାରିବେ, ଯାହା ଆପଣଙ୍କଠାରେ କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି କରିବ।

■ କିଛି ପିଲାଙ୍କର ନୂଆ ନୂଆ ରୋଷେଇ କରିବାରେ ମଧ୍ୟ ଇଚ୍ଛା ଥାଏ। ତେଣୁ ଏଇ ଲିଜର ଟାଇମ୍‌ରେ ମା'ଙ୍କ ସହ ମିଶି ନୂଆ ରୋଷେଇ କରିପାରିବେ।

■ ଘର ବାହାରେ କିମ୍ବା ଛାତ ଉପରେ ଯଦି ଫୁଲ ଗଛ ଲଗାଇଛନ୍ତି, ତେବେ ଏହାର ଯତ୍ନ ନେବାକୁ ଆଦୌ ଭୁଲନ୍ତୁ ନାହିଁ। ପାଠପଢ଼ାରୁ ସମୟ ମିଳିଲେ ବଗିଚାରେ ଯାଇ କିଛି ସମୟ ବିତାନ୍ତୁ।

■ ଘର ସଜାଇବାରେ ଯଦି ସଉକ ଥାଏ, ତେବେ ନୂଆ ନୂଆ ପେପର୍ କ୍ରାଫ୍ଟ କିମ୍ବା ପେଣ୍ଟିଂ କରି ଘରର କାନ୍ଥ, କିଚେନ୍ ରୁମ୍, ଡ୍ରଇଂ ରୁମ୍, ଗେଷ୍ଟ ରୁମ୍ ଆଦିକୁ ଭଲ ଭାବରେ ସଜାଇପାରିବେ।

■ ନିଜକୁ ରିଲାକ୍ସ କରିବା ପାଇଁ ବାହାରେ ବୁଲିବା ବା ଟ୍ରାଭେଲିଂ କରିବା ସବୁଠୁ ଭଲ ଉପାୟ। ଯଦି ପାରୁଛନ୍ତି, ସାଙ୍ଗମାନଙ୍କ ସହ କିମ୍ବା ନିଜ ପରିବାର ସଦସ୍ୟଙ୍କ ସହ ବାହାରେ ଯାଇ କିଛି ସମୟ ବୁଲି ଆସନ୍ତୁ।

## ଏମାନଙ୍କ ମତରେ...



**ଆ**ଗକୁ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଥିବାରୁ ଏବେଠୁ ପ୍ରିପାରେସନ୍ ଜୋର୍‌ଦାର ଚାଲିଚି। ସନ୍ଧ୍ୟା ସମୟରେ ଫ୍ରି ହୋଇ ମା'ବାପାଙ୍କ ସହ ଟାଇମ୍ ସ୍ପେଣ୍ଡ କରୁଛି ଓ ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ନିଜକୁ ରିଲାକ୍ସ କରୁଛି। ଏତଦ୍‌ବ୍ୟତୀତ ପଢ଼ା ସମୟରେ ବୋର୍ ଲାଗିଲେ ମାଗାଜିନ୍, ଗପ ବହି କିମ୍ବା ମହାପୁରୁଷମାନଙ୍କ ବହି ପଢୁଛି। ଗୀତ ଗାଇବାରେ ସଉକ ଥିବରୁ ମଝିରେ ମଝିରେ ମାଇଣ୍ଡ ଫ୍ରେଶ୍ ପାଇଁ ଗୀତ ବି ଗାଇଥାଏ।

**ଓଁ ଅଭିଶିଖା ଦାସ** , କ୍ଲାସ- ୧୦,
ଗଦାଧର ଉଚ୍ଚ ବିଦ୍ୟାଳୟ, ପୁରୀ



**ପା**ଠ ତ ପଢ଼େ, ହେଲେ ଲିଜର ଟାଇମ୍ ମିଳିଲେ ମୁଁ ଅନେକ କାମ କରିପକାଏ। କେତେବେଳେ ସାଙ୍ଗମାନଙ୍କ ସହ ଫୁଟ୍‌ବଲ ଖେଳିବାକୁ ପଳାଏ ତ ଆଉ କେତେବେଳେ ବାଇକ୍ ଚଲାଏ। ମଝିରେ ମଝିରେ ନଈରୁ ମାଛ ଧରିବାକୁ ବି ଯାଏ। ଡ୍ରଇଂ କରିବା, ମୁଭି ଦେଖିବାକୁ ବି ମୋତେ ଭଲ ଲାଗେ। ଖାଲି ସେତିକି ନୁହେଁ, ଗଛ ଲଗାଇବା, ପଶୁପକ୍ଷୀମାନଙ୍କ ଯତ୍ନ ନେବାକୁ ବେଶି ଭଲ ପାଏ।

**ଜଗତ ବନ୍ଧୁ ନାଏକ,** କ୍ଲାସ- ୧୦, ଚାଚା ନେହେରୁ ବିଦ୍ୟାମନ୍ଦିର,
ଉକ୍ରେଲା, କଳାହାଣ୍ଡି



**କ୍ରି**କେଟ୍ ଖେଳ ମୋର ବହୁତ ପ୍ରିୟ। ଯେତେବେଳ ବି ଅବସର ସମୟ ମିଳେ, ସାଙ୍ଗମାନଙ୍କ ସହ ବାହାରକୁ କ୍ରିକେଟ୍ ଖେଳିବାକୁ ଯାଏ। ବାହାରେ ଟିକେ ବୁଲାବୁଲି କରିଦେଲେ ରିଲାକ୍ସ ଲାଗେ। ପୁଣି ଆସି ପାଠ ପଢ଼େ। ଆଉ ଯେବେ ବାହାରକୁ ନ ଯାଇ ଘରେ ଥାଏ, କିଛି ସମୟ ସୋସିଆଲ୍ ମିଡିଆରେ ଦିଏ ଏବଂ ଗେମ୍ ବି ଖେଳେ। ଘରେ ଦିଦି ଥିବାରୁ ତା'ସହ ବି ଖୁବ୍ ମଜାମସ୍ତି କରେ।

**ସିଦ୍ଧି ସୁମନ ସାମନ୍ତରାୟ,** କ୍ଲାସ୍- ୯,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ଖୋର୍ଦ୍ଧା

**-ମୋନାଲୀ ସାହୁ**




୪


୧


୨



୩


୪


୯



୫


୬


୭


୮


୧୦

୧



**ବାଲକ୍ରିଷ୍ଣନ୍ ଶୁଭଙ୍କର**
କ୍ଲାସ– ୪, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର

୨



**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ– ୨, ବିବିଆଇଟି ପବ୍ଲିକ ସ୍କୁଲ, ବୁଗିବୁଗି, କୋଲକାତା, ପଶ୍ଚିମବଙ୍ଗ

୩



**ଦୀପଶିଖା ଦାଶ**
କ୍ଲାସ– ୧, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର

୪



**ଅନୁଷ୍କା ବେଉରା**
କ୍ଲାସ– ୭, ସେଣ୍ଟ ଯୋଶେଫ ହାୟର ସେକଣ୍ଡାରୀ ସ୍କୁଲ, ଭୁବନେଶ୍ୱର

୫



**ଆର୍ଯ୍ୟନ୍ ପ୍ରକାଶ**
କ୍ଲାସ–୧, ଡ୍ରିମ୍ ଇଣ୍ଡିଆ ସ୍କୁଲ, ଜଗତସିଂହପୁର

୬



**ସମ୍ପ୍ରିତି ମହାନ୍ତି**
କ୍ଲାସ– ୬, ଏମ୍ବିଏସ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର

୭



**ଅନନ୍ୟା ରୁପାଲି ତ୍ରିପାଠୀ**
କ୍ଲାସ–୭, ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି

୮



**ଶ୍ରଦ୍ଧାଂଶୀ ମହାରଣା**
କ୍ଲାସ– ୬, ମଦନାବତୀ ପବ୍ଲିକ ସ୍କୁଲ, ଅଇଁଠାପାଲ୍ଲୀ, ସମ୍ବଲପୁର

୯



**ତିତିକ୍ଷା ତନ୍ମୟୀ**
କ୍ଲାସ– ୪, ଶାନ୍ତନୁ ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

୧୦



**ବିଦ୍ୟା ଜୟସିଂହ**
କ୍ଲାସ– ୪, ରୁଚିକା ହାଇସ୍କୁଲ, ଗଙ୍ଗନଗର, ୟୁନିଟ–୬, ଭୁବନେଶ୍ୱର

# ଗିନିଜ୍ ୱାର୍ଲ୍ଡ ରେକର୍ଡ



## ପିରିୟଡିକ୍ ଟେବୁଲ୍ ସଜାଇ ରେକର୍ଡ

ପିଲାମାନେ ତୁମେ ଅଳ୍ପ ସମୟ ଭିତରେ ପିରିୟଡିକ୍ ଟେବୁଲକୁ କ୍ରମ ଅନୁସାରେ ସଜାଇ ପାରିବ କି? ଆନ୍ଧ୍ର ପ୍ରଦେଶର ଫାଜିଲା ଟାବାସୁମ୍ ଶାଇକ୍ ୧ମିନିଟ୍ ୪୩ସେକେଣ୍ଡରେ ପିରିୟଡିକ୍ ଟେବୁଲ୍‌କୁ କ୍ରମାନ୍ୱୟରେ ସଜାଇଛନ୍ତି। ଏତେ କମ୍ ସମୟରେ ପିରିୟଡିକ୍ ଟେବୁଲକୁ ପର୍ଯ୍ୟାୟ ଅନୁସାରେ ରଖି ୯ବର୍ଷିୟ ଫାଜିଲା ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଫାଜିଲାଙ୍କ ବାପା ଶାଇକ୍ ରହିମ୍ କହିଛନ୍ତି, ଆନ୍ଧ୍ର ପ୍ରଦେଶର ଚିଲାକାଲୁରିପେଟ୍ ସହରର ସି.ଆର୍ କଲେଜରେ ଅନୁଷ୍ଠିତ ଏକ ଇଭେଣ୍ଟରେ ତାଙ୍କ ଝିଅ ପିରିୟଡିକ୍ ଟେବୁଲର ୧୧୮ ଉପାଦାନକୁ ୧ମିନିଟ୍ ୫୭ସେକେଣ୍ଡରେ ସଜାଇ ଥିଲା। ଝିଅର ଏହି ସଫଳତା ପାଇଁ ମୁଁ ବହୁତ ଖୁସି ଅଛି। ଫାଜିଲା ଏହି ରେକର୍ଡ କରିବା ପାଇଁ ଦିନକୁ ୫ ରୁ ୬ଘଣ୍ଟା ଅଭ୍ୟାସ କରୁଥିଲେ। ଭବିଷ୍ୟତରେ ସେ ୧ମିନିଟ୍ ୩୦ସେକେଣ୍ଡରେ ପିରିୟଡିକ୍ ଟେବୁଲ୍ ସଜାଇ ନିଜ ରେକର୍ଡ ନିଜେ ଭାଙ୍ଗିବାକୁ ଚେଷ୍ଟା ଜାରି ରଖିଛନ୍ତି। ପୂର୍ବରୁ ପାକିସ୍ଥାନର ଜଣେ ଝିଅ ୨ମିନିଟ୍ ୨୭ସେକେଣ୍ଡରେ ଏହି ରେକର୍ଡ କରିଥିଲେ। କିନ୍ତୁ ଫାଜିଲା ଅତି କମ୍ ସମୟରେ ପିରିୟଡିକ ଟେବୁଲ ସଜାଡି ତାଙ୍କ ରେକର୍ଡକୁ ଭାଙ୍ଗିଛନ୍ତି।

## ଏଥରର



### ନିମ୍ନଲିଖିତ ସଂକ୍ଷିପ୍ତ ଶବ୍ଦଗୁଡିକର ପୂରା ନାମ କ'ଣ?

- CPU.................... ?
- RAM.................... ?
- ROM.................... ?
- HTTP.................... ?
- WWW.................... ?
- WIFI.................... ?



## ଗତଥରର

- ୧୯୧୪
- କାର୍ବନ ଡାଇଅକ୍ସାଇଡ
- ଆମାଜନ ଜଙ୍ଗଲ
- ଘାନା
- ଏନେମୋମିଟର



## କବିତା

### ଫଗୁଣ ଆସି ଫୁଟାଏ ଫୁଲ

ଥରାଇ ଦେହ ଗାଆଁ ସହରୁ
ଶୀତ ଗଲାଣି ଚାଲି
ଫଗୁଣ ଆସି ଫୁଟାଏ ଫୁଲ
ହଳଦୀ ନେଳି ନାଲି।
କଅଁଳି ଉଠେ ତୋଟାର ଗଛ
ପତର ଫଳ ଧରେ
ବଣ ତୋଟାର ସବୁଜ ରୂପ
ମନରେ ଖୁସି ଭରେ।
ଗଛର ଡାଳେ କୋଇଲି ବସି
ମଧୁର ଗୀତ ଗାଏ
ବଣବୁଦାରୁ ସପନ ନିତି
କୋଳି ତୋଳିକି ଖାଏ।
ଜୀବଜଗତ ଜୀବନ ଗଛ
ବଞ୍ଚିବା ପାଇଁ ସାହା
ଗଛର ଛାଇ ଶୀତଳ ବାଆ
ଦେବ ତ ନୂଆ ରାହା।

**-ପ୍ରଶାନ୍ତ କୁମାର ଦାଶ**
କୁଞ୍ଜିର, ସଙ୍ଗଲାଇ, ପିପିଲି, ପୁରୀ

### ଋତୁରାଜ ବସନ୍ତ

ବସନ୍ତ ଗୋ ତୁମେ ଶ୍ରେଷ୍ଠ କାରିଗର
ଆସିଅଛ ଧରା ଧାମେ,
ସଜାଡ଼ି ଦେବାକୁ ଏ ଧରା ଭୂଇଁକୁ
ବଳାଇଛ ମନ ତୁମେ।
ବଇଶାଖ କ୍ରୋଧେ ଜଳିବ ବସୁଧା
ଅତିଷ୍ଠ ହୋଇବେ ଜୀବ,
କ୍ଳାନ୍ତ ଦୂରୀଭୂତ କରିବା ନିମିତ୍ତ
ଖୋଜୁଥିବେ ଛାୟା ସର୍ବ।
ସେଥିପାଇଁ ବୋଧେ ତୁମ କର ସ୍ପର୍ଶେ
ପଡୁଅଛି ପତ୍ର ଖସି,
ନବ ପଲ୍ଲବରେ କୁସୁମ ସମ୍ଭାରେ
ସଜାଇବ ତୁମେ ହସି।
ମହାନ୍ ଉଦ୍ଦେଶ୍ୟ ରଖି ତୁମେ ଆସ
ଗଲା ପରେ ଝୁରେ ବିଶ୍ୱ,
ଜଗତ କଲ୍ୟାଣେ ବ୍ରତୀ ଥାଅ ତୁମେ
କିଏ ବୁଝିବ ରହସ୍ୟ।

**-ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଢେଙ୍କାନାଳ

### ବସନ୍ତ ଋତୁ

ଫଗୁଣ ଚଇତ ଦୁଇଟି ମାସ,
ବସନ୍ତ ଋତୁର ହୁଏ ସମାସ।
ଋତୁଙ୍କର ରାଜା ବସନ୍ତ ଆସେ,
ମଳୟ ପବନ ସଭିଙ୍କୁ ରସେ।
ଫଗୁଣ ମାସରେ ବଉଳ ହସେ,
ତା'ର ସୁବାସରେ ଜଗତ ବାସେ।
ମଧୁର ତାହାର ମହକ ରାଶି,
ସମୀରଣ ସାଥେ ଆସଇ ଭାସି।
ବସନ୍ତ ଋତୁରେ ଦୋଳ ଯାତରା,
ରଙ୍ଗ ଅବିରରେ ସାଜେ ପସରା।
ରାଧା ମାଧବଙ୍କୁ ବିମାନେ ଧରି,
ବୁଲାଇ ନିଅନ୍ତି ପଲ୍ଲୀ ନଗରୀ।
ହର୍ଷ ଉଲ୍ଲାସରେ ବିଭୋର ହୋଇ,
ହୋଲିର ପରବ ପାଳିବା ପାଇଁ ।
ପିଲା ଠାରୁ ବୁଢା ଖେଳନ୍ତି ହୋଲି,
ପୂର୍ବ ରାଗ ରୁଷା ଯାଆନ୍ତି ଭୁଲି।

**-ମନସ୍ୱିନୀ ସାହୁ**
ଏକାଦଶ ଶ୍ରେଣୀ, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ

### ସୁନ୍ଦର ପୃଥିବୀ

ଅନ୍ଧାରକୁ ଜିଣି କିରଣକୁ ବୁଣି
ସକାଳ ସୂରୁଯ ଆସେ,
ପାଖୁଡ଼ାକୁ ଖୋଲି ହସି ଖିଲିଖିଲି
ଫୁଲଟି ମହକି ବାସେ।
ଗାଆଁ ଚାଷୀ ଭାଇ ପଖାଳକୁ ଖାଇ
କାଳିଆ କସରା ନେଇ,
କ୍ଷେତେ କରି ହଳ ଆଶା କରେ ଫଳ
ନିଜ ଲହୁ ଲୁହ ଦେଇ।
ବନେ ଉପବନେ ଜଙ୍ଗଲର ଘନେ
ବିହଙ୍ଗର ମିଠା ଗୀତ,
ପାହାଡ଼ ଉହାଡ଼େ ଅସ୍ତ ହୋଇ ରବି
ରାତିକୁ କରଇ ମିତ।
କି ସୁନ୍ଦର ଆହା ମାଟି ପାଣି ଗାଆଁ
କି ସୁନ୍ଦର ନଭେ ଜହ୍ନ
ସରସୀ ତଟିନୀ ଗିରି ପ୍ରାନ୍ତ ହ୍ରଦ
ସୁନ୍ଦର ନନ୍ଦନ ବନ।

**-ଝରଣା ବାରିକ**
ସମଲ, ତାଳଚେର, ଅନୁଗୁଳ



## କହିଲ ଦେଖି



୧) ତା' ସ୍ପର୍ଶ କେବେ ଆନନ୍ଦ ଦିଏ
ଦେହରେ ଭରେ ଶକ୍ତି
କେବେ ସେ ପୁଣି ଜୀବନ ନିଏ
ତାତିରୁ ମିଳେନି ମୁକ୍ତି
ସକାଳେ ଆସି ସଞ୍ଜକୁ ପୁଣି
ବାହୁଡ଼ିଯାଏ ସେ ଘର
କିଏ ସେ କୁହ ପାରିବ କି କହି
ଅତି ସହଜ ଉତ୍ତର।

ଉ- **ସୂର୍ଯ୍ୟକିରଣ**



୨) ଧୋବ ଫରଫର ରୂପଟି ତା'ର
ଭାରି ସୁଆଦିଆ ଗୋଟେ ଆହାର
କାହା ପେଟ ପାଇଁ ସାଜେ ସେ ଦାନା
କାହା ପାଇଁ ପୁଣି ପାଟି ଚାଖନା
କିଏ ଖାଏ ତାକୁ ମାଂସ ସାଥିରେ
କିଏ ଖାଉଥାଏ ଚିନି ପାଣିରେ
କିଏ ସେ ଜାଣିଛି ନାମଟି ତା'ର
ଡେରି କରନାହିଁ ଦିଅ ଉତ୍ତର।

ଉ- **ମୁଢ଼ି**



୩) ଶୋଭା ପାଉଥାଏ ତିନି ଝିଙ୍କାରେ
କେବେ ଘରେ ପୁଣି କେବେ ଖନ୍ଦାରେ
କାଠ ଘଷି କୁଟା ତା'ର ଜାଳେଣି
ନେଉଅଛି ଧୀରେ ସିଏ ମେଲାଣି
ଗାଆଁ ଗହଳିରେ ଏବେ ବି ଅଛି
କହିଦେଲ କିଏ ନାମ ଜାଣିଛି।

ଉ- **ଚୁଲି**




୪) ଧୋବ ଫରଫର ଚେହେରା ତା'ର
ମାଛ ଓ ଝିଣ୍ଟିକା କରେ ଆହାର
ବଙ୍କା ଅଟେ ପରା ବେକଟି ତା'ର
ହେଲେ ଦିଶୁଥାଏ ଭାରି ସୁନ୍ଦର।

ଉ- **ବଗ**

**-ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର
ମୋ-୮୮୯୨୩୦୧୧୪୩



## କଣ ଅଜଣା



### ବାଲିରେ ତିଆରି ହୁଏ ଗ୍ଲାସ

ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ହେବ, ଗ୍ଲାସ ବା କାଚ ତିଆରିରେ ବାଲି ବ୍ୟବହୃତ ହୋଇଥାଏ । ଏହା ପୁନଃଚକ୍ରଣ ଯୋଗ୍ୟ । ଏହା ମାଟିରେ ମିଶିବାକୁ ପ୍ରାୟ ୧ ମିଲିୟନ୍ ବର୍ଷ ନେଇଥାଏ । ଉଭୟ ପ୍ରାକୃତିକ ଓ ମଣିଷକୃତ ଭାବେ ଏହା ମିଳିଥାଏ ।



### ୩୬୦ ଡିଗ୍ରୀରେ ଦେଖିପାରୁଥିବା ପ୍ରାଣୀ

ତୁମେମାନେ ଜାଣିଛ କି ଘୋଡ଼ାମାନେ ଏକା ଥରରେ ୩୬୦° କୋଣ ସୃଷ୍ଟି କରି ଦେଖିପାରନ୍ତି । ଏମାନଙ୍କର କାନ ଛୋଟ କିନ୍ତୁ ବହୁତ ଶକ୍ତ, ଯାହାକୁ ସେମାନେ ୧୮୦° ପର୍ଯ୍ୟନ୍ତ ବୁଲାଇପାରନ୍ତି । ଏମାନେ ଅଧିକାଂଶ ସମୟ ଛିଡ଼ା ହୋଇ ଶୋଉଥିବାବେଳେ, ବେଳେବେଳେ ଭୂମିରେ ଶୋଇଥାନ୍ତି ।


### ପରିବେଶ ସଫା ରଖେ ଶାଗୁଣା

ପରିବେଶ ପରିଷ୍କାର ରଖିବାରେ ଶାଗୁଣାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ବାହାରେ ପଡ଼ିଥିବା ମୃତ ଜୀବମାନଙ୍କ ଶରୀରକୁ ଖାଉଥିବାରୁ ଏମାନଙ୍କ ଶରୀରରେ ଏକ ପ୍ରକାର ଜୀବାଣୁ ସୃଷ୍ଟି ହୋଇ ବେକ ଓ ମୁଣ୍ଡକୁ ଲୋମହୀନ କରିପକାଏ । ନିଜ ଖାଦ୍ୟ ଖୋଜିବା ପାଇଁ ଏମାନେ ଘଣ୍ଟା ଘଣ୍ଟା ଧରି ଆକାଶରେ ଉଡ଼ିପାରନ୍ତି । ଏମାନଙ୍କ ଗ୍ରୁପ୍‌କୁ 'କମିଟି' କୁହାଯାଏ ।

# ଶୂନକୁ ଶୂନରେ ହରଣ

## ଗଣିତ କଥା

ଆମେ ସହଜରେ ୧୦୦କୁ ୧୦ ଦ୍ୱାରା ହରଣ କରିପାରିବା । ଯଦି ୧୦୦ କୁ ୫ ଦ୍ୱାରା ହରଣ କରିବାକୁ ଆମକୁ କୁହାଯାଏ, ତେବେ ସେଇଟା ବି ସହଜରେ ହେଇଯିବ । ୧୦୦କୁ ୭ରେ ହରଣ କରିବା କଥା କହିଲେ, ହରଣ କାମଟା ଟିକିଏ କଷ୍ଟ ଲାଗିବ । କିନ୍ତୁ, ଯଦି ୧୦୦କୁ ଶୂନ ଦ୍ୱାରା ହରଣ କରିବାକୁ କୁହାଯାଏ, ତେବେ ଉତ୍ତର ଦେବା ଟିକିଏ କଷ୍ଟ ହେବ । ଆଉ ଯଦି ଶୂନକୁ ଶୂନ ଦ୍ୱାରା ହରଣ କରିବା ପାଇଁ କେହି କହେ, ତେବେ ମୁଣ୍ଡ ଗରମ ହୋଇଯିବ । ଆମେ ସାଧାରଣତଃ ଏମିତିକା ଶୂନ ଦ୍ୱାରା ହରଣ କରିବା କଥା ଚିନ୍ତା କରୁନାହେଁ । କିନ୍ତୁ ୧୧ ବର୍ଷ ବୟସରେ ଜଣେ ପିଲାର ମୁଣ୍ଡକୁ ଏମିତିକା କଥା ଜୁଟିଥିଲା । ସେଇ ପିଲାର ଚିନ୍ତନ ଶକ୍ତି କେମିତି ଅସାଧାରଣ ଥିଲା, ଏଥିରୁ ଅନୁମେୟ । ସତକୁ ସତ, ପିଲାଟା ଅତି କମ୍ ବୟସରେ ବିଶ୍ୱବିଖ୍ୟାତ ଗଣିତଜ୍ଞ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଥିଲା । ସେଇ ଅସାଧାରଣ ବାଳକର ନାମ ଥିଲା 'ଶ୍ରୀନିବାସ ରାମାନୁଜନ୍ ଆୟାଙ୍ଗାର' ।



ହଁ, ଏଇଟା ୧୮୯୮ ମସିହା କଥା । ତାମିଲନାଡୁର କୁମ୍ଭାକୋନମ୍ ଟାଉନ୍ ହାଇସ୍କୁଲରେ ୧୧ ବର୍ଷର ବାଳକଟିଏ ଷଷ୍ଠ ଶ୍ରେଣୀରେ ନାମ ଲେଖେଇଥାଏ । ଦିନେ ଶିକ୍ଷକ ଗଣିତର ହରଣକ୍ରିୟା ସମ୍ପର୍କରେ ପିଲାମାନଙ୍କୁ ବୁଝାଉଥାଆନ୍ତି । କଳାପଟାରେ ତିନିଟା କଦଳୀର ଚିତ୍ର ଅଙ୍କନ କରାଯାଇଥାଏ । ଶିକ୍ଷକ ପଚାରିଲେ, 'ତିନିଟା କଦଳୀ ଅଛି ଏବଂ ତିନି ଜଣ ବାଳକ ଅଛନ୍ତି । ତିନିଟା କଦଳୀକୁ ତିନି ଜଣ ବାଳକଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିଦେଲେ, ପ୍ରତି ବାଳକ କେତେଟା କଦଳୀ ପାଇବ ?' ଏମିତି ସହଜ ପ୍ରଶ୍ନ ଶୁଣି ଜଣେ ଛାତ୍ର ଖୁସିରେ ଉତ୍ତର ଦେଲା, 'ପ୍ରତି ବାଳକ ଗୋଟିଏ ଲେଖାଏଁ କଦଳୀ ପାଇବ ।' ଶିକ୍ଷକ କହିଲେ, 'ଠିକ୍ କହିଲ । ତେଣୁ, ତିନି ସଂଖ୍ୟାକୁ ସେଇ ତିନି ସଂଖ୍ୟା ଦ୍ୱାରା ଭାଗ କଲେ ଭାଗଫଳ ୧ ହେବ ।'

ଶିକ୍ଷକଙ୍କର ଉଦ୍ଦେଶ୍ୟ ଥିଲା ଛୋଟ ଛୋଟ ନିତିଦିନିଆ ଘଟଣାରୁ ଭାଗକ୍ରିୟା ବିଷୟରେ ପିଲାମାନେ ଜାଣନ୍ତୁ । ଏହିପରି କେତେକ ଉଦାହରଣ ଦେଲା ପରେ ଶିକ୍ଷକ ବୁଝେଇଦେଲେ, 'ଏଥିରୁ ବୁଝାପଡୁଛି, ଗୋଟିଏ ସଂଖ୍ୟାକୁ ସେହି ସଂଖ୍ୟା ଦ୍ୱାରା ଭାଗ କଲେ ଭାଗଫଳ ଏକ ହେବ ।'

ଶ୍ରେଣୀର ଗୋଟିଏ କୋଣରେ ସେହି ଆୟାଙ୍ଗାର ବାଳକଟି ବସି ସବୁ ଶୁଣୁଥିଲା । ସେ ହଠାତ୍ ଗଣିତ ଶିକ୍ଷକଙ୍କୁ କିଛି ପଚାରିବା ପାଇଁ ହାତ ଟେକିଲା । ପିଲାଟାର ହାତ ଉଠିବା ଦେଖି ଶିକ୍ଷକ ଆଉ ଟିକିଏ ଅଧିକ ସଚେତନ ହୋଇଗଲେ । କାରଣ ସବୁବେଳେ ସେଇ ପିଲାଟାର ପ୍ରଶ୍ନଗୁଡ଼ିକ ବେଶ୍ ରୋମାଞ୍ଚକ ଥିଲା । ପିଲାଟି ପଚାରିଲା, 'ଯଦି ଶୂନସଂଖ୍ୟକ କଦଳୀକୁ ଶୂନସଂଖ୍ୟକ ପିଲାଙ୍କ ଭିତରେ ବାଣ୍ଟି ଦିଆଯାଏ, ତେବେ ପ୍ରତ୍ୟେକ ପିଲା ଗୋଟିଏ କଦଳୀ ପାଇବ କି ?' ଏହି ପ୍ରଶ୍ନର ଅର୍ଥ, ଶୂନକୁ ଶୂନ ଦ୍ୱାରା ହରଣକଲେ ଭାଗଫଳ ୧ ହେବ କି ? ପିଲାଟିର ପ୍ରଶ୍ନ ଶିକ୍ଷକଙ୍କୁ ଆଶ୍ଚର୍ଯ୍ୟ କରିଦେଲା । ମାତ୍ର ୧୧ ବର୍ଷର ପିଲାଟିଏ ଏଭଳି ପ୍ରଶ୍ନ ପଚାରିବା ସାଧାରଣ କଥା ନ ଥିଲା । ଅଜବ ପ୍ରଶ୍ନ ପଚାରୁଥିବା ପିଲାଟି ଦିନେ 'ଗଣିତଜ୍ଞ ରାମାନୁଜନ୍' ଭାବରେ ଖ୍ୟାତି ଅର୍ଜନ କଲା ।

ମହାନ୍ ଗଣିତଜ୍ଞ 'ରାମାନୁଜନ୍' ୧୮୮୭ ମସିହା ଡିସେମ୍ବର ୨୨ ତାରିଖରେ ମାନ୍ଦ୍ରାଜର ଥାଞ୍ଜାଭୋର ଜିଲା ଅନ୍ତର୍ଗତ ଇରୋଡ୍‌ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଡାକ ନାମ ଥିଲା ଚିନାସ୍ୱାମୀ, ଯାହାର ଅର୍ଥ 'ଛୋଟଠାକୁର' । ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ମାତ୍ର ୩୨ ବର୍ଷ ବୟସରେ ୧୯୨୦ ଏପ୍ରିଲ ୨୦ ତାରିଖରେ ତାଙ୍କର ମୃତ୍ୟୁ ହେଲା । ତେଣୁ ୨୦୨୦ ମସିହାକୁ ତାଙ୍କ ମୃତ୍ୟୁର ଶତବାର୍ଷିକୀ ଭାବରେ ପାଳନ କରାଯାଇଥିଲା । ସେଭଳି ଏକ ମହାନ୍ ବ୍ୟକ୍ତିଙ୍କୁ ସମ୍ମାନ ଜଣାଇବା ସକାଶେ ଡିସେମ୍ବର ୨୨ ତାରିଖକୁ 'ଗଣିତ ଦିବସ' ଭାବରେ ପାଳନ କରାଯାଉଛି ।

**-ଭୀଷ୍ମଦେବ ବାଗ,** ପଦାର୍ଥ ବିଜ୍ଞାନ ବିଭାଗ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୁରୁଣ୍ଡିଆ, ସୁନ୍ଦରଗଡ଼
ମୋ : ୯୪୩୯୫୮୫୫୮୯

# ଆ ଇ ନା



ଆରାଧ୍ୟା ଅଭିଳାଷ
ବୟସ-୬
ଅନୁଗୋଳ

ମୋକ୍ଷିତା ମହାନ୍ତି
ବୟସ-୬
ଭୁବନେଶ୍ୱର





ଶୃତି ସମ୍ପୂର୍ଣ୍ଣା ମିଶ୍ର
ବୟସ- ୭
ଯାଜପୁର